ଧରିତ୍ରୀ
DHARITRI
August 30-September 5, 2020 ₹ 2/-

# ଛୁଟିଦିନ



# ଶିକ୍ଷା ପାଇଁ ତ୍ୟାଗ

୩
ପ୍ରଚ୍ଛଦ ପ୍ରସଙ୍ଗ

ଗୁରୁଙ୍କୁ ସବୁବେଳେ ଉଚ୍ଚ ଆସନ ଦିଆଯାଇଛି। ଈଶ୍ୱର ଗୁରୁଙ୍କୁ ସୃଷ୍ଟି କରନ୍ତି। ମାତ୍ର ଗୁରୁ ହିଁ ଈଶ୍ୱରଙ୍କୁ ଈଶ୍ୱର ବୋଲି ଚିହ୍ନେଇଥାନ୍ତି। ଆମ ମହାଭାରତୀୟ ସଂସ୍କୃତିରେ ଗୁରୁଙ୍କୁ ଈଶ୍ୱର ନ ହେଲେ ଈଶ୍ୱରଙ୍କଠୁ ବଡ଼ ଆସନ ଦିଆଯାଇଛି। ଶିକ୍ଷା, ଶିକ୍ଷାଦାନ ତଥା ସମାଜ ପରିବର୍ତ୍ତନରେ  ନିଜର ତ୍ୟାଗ ପାଇଁ ଉଦାହରଣ ପାଲଟିଥିବା ଗୁରୁଙ୍କ ସମ୍ପର୍କରେ..



୫
ସିନେମା



## ମୁଠାରେ ରହିଯାଏ ଅଣ୍ଟା

**ନା**ରୀର ତନୁପାତଳି ଅଣ୍ଟା ସମସ୍ତଙ୍କୁ ଆକର୍ଷିତ କରେ। ସେଇଥିପାଇଁ ତ ଏମିତି ଅଣ୍ଟା ପାଇବା ଲାଗି ଅନେକେ ଜିମ୍ ଯାଆନ୍ତି, ବିଭିନ୍ନ ବ୍ୟାୟାମ କରନ୍ତି। ନିକଟରେ ଜଣେ ମହିଳା ସୋସିଆଲ ମିଡିଆରେ ନିଜର ପତଳା ଅଣ୍ଟା ପାଇଁ ବେଶ୍ ଚର୍ଚ୍ଚାରେ ଅଛନ୍ତି। ଚର୍ଚ୍ଚାର କାରଣ ହେଉଛି, ତାଙ୍କର ଅଣ୍ଟା ଏତେ ପତଳା ଯେ ଜଣେ ବଳିଷ୍ଠ ବ୍ୟକ୍ତିଙ୍କ ହାତ ମୁଠାରେ ଅଣ୍ଟା



ରହିଯିବ। ଏହି ତରୁଣୀଜଣକ ହେଉଛନ୍ତି ମ୍ୟାନ୍ମାରର ୨୩ ବର୍ଷୀୟା ସୁ ନାଇଙ୍ଗ। ତାଙ୍କ ଅଣ୍ଟା ହେଉଛି ମାତ୍ର ୧୩.୭ ଇଞ୍ଚର। ବିଶ୍ୱାସ କରାଯାଉଛି ସୁ'ଙ୍କ ଅଣ୍ଟା ହେଉଛି ପୃଥିବୀର ସବୁଠାରୁ ପତଳା ଅଣ୍ଟା। ତେବେ ଅନେକେ ତାଙ୍କ ଫଟୋ ଦେଖି ବିଶ୍ୱାସ କରନ୍ତି ନାହିଁ। ଆଉ କେତେକେ କହନ୍ତି ଫଟୋ ଏଡିଟ୍ ହୋଇଛି। ଆଉ କିଏ କହନ୍ତି ସୁ' ବୋଧହୁଏ ସର୍ଜରି କରି ଏଭଳି ଅଣ୍ଟା ପାଇଛନ୍ତି। କିନ୍ତୁ ସୁ' କହନ୍ତି, ଏଭଳି ଅଣ୍ଟା ପାଇବା ପାଇଁ ସେ କୌଣସି ସର୍ଜରିର ସାହାଯ୍ୟ ନେଇ ନାହାନ୍ତି। ସ୍ୱତନ୍ତ୍ର ଡାଏଟ୍ ଦ୍ୱାରା ତାଙ୍କ ଅଣ୍ଟା ଏତେ ସରୁ ହୋଇପାରିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅଗଷ୍ଟ ୩୦-ସେପ୍ଟେମ୍ବର ୫

**ମେଷ**: ବନ୍ଧୁଙ୍କ ପ୍ରେରଣା, ସମସ୍ୟାର ପରିସମାପ୍ତି, ପାରିବାରିକ ଶାନ୍ତି, ପ୍ରିୟବନ୍ଧୁଙ୍କ ସାନ୍ତ୍ୱନା, ଖର୍ଚ୍ଚଭାର ବୃଦ୍ଧି, ଭୁଲ୍ ବୁଝାମଣା ଦୂର ହେବ, ବକେୟା ଟଙ୍କା ପାଇବେ, କଳାରେ ସୁନାମ, ନୂତନ ସମ୍ପର୍କ, ଯାତ୍ରାରେ ପ୍ରତିବନ୍ଧକ।

**ବୃଷ**: ସାମୟିକ ଅସୁସ୍ଥତା, କାମ ସ୍ଥଗିତ, ବନ୍ଧୁଙ୍କ ସହଯୋଗ, ଯୋଜନା ବଦଳିବ, ଅର୍ଥ ସମସ୍ୟା, ଯାନବାହନରେ ତ୍ରୁଟି, ନିର୍ମାଣର ପୂର୍ଣ୍ଣତା, ସଭାସମିତିକୁ ନିମନ୍ତ୍ରଣ, ଯାତ୍ରାରେ କୁଶଳ, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି।

**ମିଥୁନ**: ଆର୍ଥିକ ଉନ୍ନତି, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ଶତ୍ରୁତାରୁ ପ୍ରତିବନ୍ଧକ, ମିତ୍ରତାରେ ଫାଟ, ଯାତ୍ରାରେ କଳହ, ବାଣିଜ୍ୟର ଅଭିବୃଦ୍ଧି, ଆନୁଷ୍ଠାନିକ କର୍ମାରମ୍ଭ, ମକଦ୍ଦମାରେ ବାଇଦା।

**କର୍କଟ**: ଦୈହିକ ଦୁର୍ବଳତା, ଅବହେଳାରୁ କୈଫିୟତ, ପରିବାରରେ ମତାନ୍ତର, ଅନ୍ୟମନସ୍କତାରୁ ସମସ୍ୟା, ପ୍ରତିଯୋଗିତାରେ ସଫଳତା, ଉନ୍ନତି, ସହକର୍ମୀଙ୍କ ଅନୁରକ୍ତି, ପ୍ରିୟଜନଙ୍କ ସାନ୍ନିଧ୍ୟ।

**ସିଂହ**: କର୍ମଜଞ୍ଜାଳ ବୃଦ୍ଧି, ମାନସିକ ଚାପ, ପ୍ରତିକୂଳ ପରିସ୍ଥିତି, ବିଳମ୍ବରେ ସଫଳତା, ସାଂଗଠନିକ ପ୍ରକ୍ରିୟାରମ୍ଭ, ଆଇନ ସହାୟତା, ଅର୍ଥସଙ୍କଟର ସମାପ୍ତି, ସରକାରୀ ଋଣପ୍ରାପ୍ତି, ଶୁଭ ଖବର, ନିଯୁକ୍ତି ସୂଚନା।

**କନ୍ୟା**: ଅତୀତ ଅନୁଚିନ୍ତା, ମାନସିକ ଦ୍ୱନ୍ଦ୍ୱ, ଦୁର୍ଭାବନା ବୃଦ୍ଧି, ବନ୍ଧୁଙ୍କ ପରାମର୍ଶ, ପରିବାରର ସହମତି, ନୂତନ କାର୍ଯ୍ୟାରମ୍ଭ, କଚେରି ମାମଲାରେ ବିଜୟ, ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା, କ୍ରୀଡାରେ ସଫଳତା।

**ତୁଳା**: କାମ ଅଟକିବ, ପରିବାରରେ ମତଭେଦ, ଭୁଲ୍ ବୁଝାମଣାରୁ କଳହ, ଭାଗବଣ୍ଟାରେ ବିବାଦ, ଗୁରୁଜନଙ୍କ ପରାମର୍ଶ, ବ୍ୟବସାୟିକ ଉନ୍ନତି, ଅଧ୍ୟୟନରେ ସମସ୍ୟା, ଅର୍ଥ ସାହାଯ୍ୟ ପ୍ରାପ୍ତି।

**ବିଛା**: ଅପୂରଣୀୟ ଅଭିଳାଷ, ବନ୍ଧୁଙ୍କ ପ୍ରତାରଣା, ଆଶାବାଦୀ ହେବେ, ଅପ୍ରିୟସତ୍ୟରୁ ଅଶାନ୍ତି, ଅଭାବ ମେଣ୍ଟିଯିବ, ସାହସିକ ପଦକ୍ଷେପ, ଦାୟିତ୍ୱ ବଢ଼ିବ, ସ୍ଥାନାନ୍ତରର ଦୁଶ୍ଚିନ୍ତା, ସନ୍ତାନଙ୍କ ପଢ଼ାସମସ୍ୟା, ସାମ୍ବାଦିକତାର ଗୌରବ।

**ଧନୁ**: ଆରୋଗ୍ୟ ଲାଭ, ପଡୋଶୀଙ୍କ ସହାନୁଭୂତି, ଧନସମ୍ମାନ ଲାଭ, ନିଯୁକ୍ତି ଖବର, ନୂଆଁ ଯୋଜନା, ପ୍ରଗତିର ପଥରୋଧ, ଉପହସିତ ହେବେ, ଆର୍ଥିକସ୍ଥିତି ବଦଳିବ। କର୍ମକ୍ଷେତ୍ରରେ ଛିଦ୍ରାନ୍ୱେଷୀ, ପ୍ରଶାସନିକ ତାଗିଦା।


**ମକର**: ମାନସିକ ଅସ୍ଥିରତା, ମାତୃବର୍ଗରେ ପୀଡା, ପରୋକ୍ଷ ଶତ୍ରୁତା, ପ୍ଲଟିଙ୍ଗ ବେପାରରୁ ଲାଭ, ଯାନ୍ତ୍ରିକ ଜିନିଷ କ୍ରୟ, ବନ୍ଧୁ ମିଳନ, ନୂତନ ସମ୍ପର୍କ, ଅପବାଦରୁ ଦୁଶ୍ଚିନ୍ତା, ବନ୍ଧନରୁ ମୁକ୍ତି, ଯାତ୍ରାର ସୁଯୋଗ।

**କୁମ୍ଭ**: ଆର୍ଥିକ ଅଭିବୃଦ୍ଧି, ଜନକଲ୍ୟାଣ କର୍ମ, ସାମାଜିକ ସମ୍ମାନ, ସଙ୍ଗୀତ ସାଧନାରେ ରୁଚି, ବିବାଦର ପରିସମାପ୍ତି, ନିଷ୍ପତ୍ତିର ପରିବର୍ତ୍ତନ, ବେହିସାବ ଖର୍ଚ୍ଚ, ରଚନାତ୍ମକ କାର୍ଯ୍ୟ, ଉଚ୍ଚଶିକ୍ଷାରେ ପ୍ରତିବନ୍ଧକ।

**ମୀନ**: ଉଚ୍ଚ ସମ୍ମାନ, କୃତିତ୍ୱରୁ ପ୍ରଶଂସା, ଗୃହାରମ୍ଭରେ ଦ୍ୱନ୍ଦ୍ୱ, ପାରିବାରିକ ଶାନ୍ତି, ସଭାସମିତିକୁ ନିମନ୍ତ୍ରଣ, ଗବେଷଣାରେ ଅଗ୍ରଗତି, ସହକର୍ମୀଙ୍କ ବିରୋଧ, ବନ୍ଧୁଙ୍କ ଅଭିମାନ, ଭିଜିଲାନ୍ସ୍ ଧରପଗଡ଼, ଆତ୍ମୀୟଙ୍କ ଅନାଦର।

# ଶରୀର ବାହାରେ ପେଟ

**କ୍ୟା**ମ୍ବ୍ରିଜ୍‌ରେ ରହୁଥିବା କୁନି ଝିଅ ଲୌରେଲ୍ ଜନ୍ମରୁ ହିଁ ଚର୍ଚ୍ଚାରେ ଅଛନ୍ତି। ଚର୍ଚ୍ଚାର କାରଣ ହେଉଛି ତାଙ୍କ ଅଜବ ଶରୀର। ଜାଣି ଆଶ୍ଚର୍ଯ୍ୟ ହେବେ ଲୌରେଲ୍ ଜନ୍ମ ହେବା ପରେ ଦେଖିବାକୁ ମିଳିଲା ଯେ, ତାଙ୍କ ପେଟ, ଯକୃତ ଓ ଅନ୍ତନଳୀ ଶରୀର ବାହାରେ ଏକ ଥଳୀରେ ରହିଥିଲା। ଯଦିଓ ଏବେ ସେ ୨ ବର୍ଷ ବୟସର ଏବଂ ଏକ ସାଧାରଣ ଜୀବନ ବିତାଉଛନ୍ତି। ଅନ୍ୟ ପିଲାଙ୍କ ଭଳି ଖେଳୁଛନ୍ତି। କିନ୍ତୁ ତାଙ୍କ ମା'ବାପାଙ୍କୁ ସବୁବେଳେ ତାଙ୍କୁ ଜଗିବାକୁ ପଡିଥାଏ। କାରଣ ଏକ ଚମଡା ପରସ୍ତ ଭିତରେ ଝୁଲି ରହିଥିବା ପେଟରେ ଆଘାତ ଲାଗିଲେ ଅବସ୍ଥା ସଙ୍ଗିନ ହୋଇପାରେ। ତେବେ ଲୌରେଲ ଜନ୍ମ ହେବା ପୂର୍ବରୁ ୧୨ ସପ୍ତାହର ଅଲ୍ଟ୍ରାସାଉଣ୍ଡରୁ ଜଣାପଡି ଯାଇଥିଲା ତାଙ୍କର ଏହି ଅବସ୍ଥା ସମ୍ପର୍କରେ। ତେଣୁ ଡାକ୍ତର ଛୁଆଟିକୁ ଜନ୍ମ ହେବା ପୂର୍ବରୁ ମାରିଦେବାକୁ ପରାମର୍ଶ ଦେଇଥିଲେ। ହେଲେ ଲୌରେଲଙ୍କ ମା' କେଲି ଓ ବାପା ଏଥିରେ ରାଜି ହୋଇ ନ ଥିଲେ। ତେବେ ଡାକ୍ତର କହନ୍ତି, 'ଲୌରେଲକୁ ୩ ବର୍ଷ ବୟସ ହେଲେ ବାହାରେ



ଝୁଲି ରହିଥିବା ପେଟକୁ ଅସ୍ତ୍ରୋପଚାର କରି ଶରୀର ଭିତରକୁ ନେବାକୁ ଚେଷ୍ଟା କରିବୁ।' ଏଥିରେ ଅନେକ ବିପଦ ବି ରହିଛି। ତଥାପି ଲୌରେଲଙ୍କ ମା'ବାପା ଏହାକୁ ଉଠାଇବାକୁ ମାନସିକ ସ୍ତରରେ ପ୍ରସ୍ତୁତ ଅଛନ୍ତି।

## ପାଠକୀୟ

ପ୍ରଚ୍ଛଦ ପ୍ରସଙ୍ଗ 'ଫଟୋ ପାଇଁ' ରେ ଫଟୋଗ୍ରାଫର୍‌ଙ୍କ ନିଜ କାମ ପ୍ରତି ଥିବା ନିଷ୍ଠା ଓ ଭଲ ପାଇବା ଦେଖି ଚକିତ ହୋଇଗଲି। ନିଜର ନିଶା ପାଇଁ ଜୀବନକୁ ବାଜି ଲଗାଇ ଦେଉଥିବା ଏହି ଫଟୋଗ୍ରାଫର୍‌ଙ୍କୁ ହୃଦୟରୁ ସମ୍ମାନ ଦେଉଛି। ସୃଜନ ଓ ସିନେମା ପୃଷ୍ଠା ବି ମନଛୁଆଁ ହୋଇଥିଲା।

*–ରାଜେଶ ମହାପାତ୍ର, ଚରମ୍ପା, ଭଦ୍ରକ*

ଫଟୋଗ୍ରାଫି ନିଶାରେ ଯେ, ଲୋକେ ଏତେ ବଡ଼ ବଡ଼ ବିପଦକୁ ସାମ୍ନା କରିଥାଆନ୍ତି ଜାଣି ଆଶ୍ଚର୍ଯ୍ୟ ଲାଗିଲା। ମଡେଲ ମିରର୍‌ରେ ସିମ୍ରନ ଶର୍ମିଷ୍ଠା ବହୁତ ସୁନ୍ଦର ଦେଖାଯାଉଥିଲେ। ୩ ଫୁଟ୍ ୮ ଇଞ୍ଚର ଠେକୁଆ ପାଠଟି ବି ବହୁତ ଭଲ ଲାଗିଲା।

*– ସିମି ପଢ଼ିହାରୀ, ଜଗତ୍‌ସିଂହପୁର*

ପ୍ରଚ୍ଛଦ ପ୍ରସଙ୍ଗ, ସୃଜନ, ସିନେମା ପୃଷ୍ଠା ମନକୁ ଛୁଇଁଗଲା। ଜେଲ ନା ହୋଟେଲ ବିଷୟରୁ ଅନେକ କଥା ଜାଣି ହେଲା। ମଡେଲ ମିରର୍‌ରେ ପ୍ରତିଥର ସୁନ୍ଦର ମଡେଲଙ୍କୁ ଦେଖିବାକୁ ଭଲ ଲାଗେ। ହାଃ ହାଃ ବେଶ୍ ମଜାଦାର ଥିଲା।

*–କରୁଣାକର ବେହେରା, ରାୟଗଡ଼ା*

ଛୁଟିଦିନର ଛୋଟ ପାଠଗୁଡ଼ିକ ପଢ଼ିବାକୁ ଭାରି ଭଲ ଲାଗେ। ସୃଜନର ଗପ, କବିତାଗୁଡ଼ିକ ହୃଦୟକୁ ଛୁଇଁଯାଏ। କାର୍ଟୁନ କର୍ନର ଭାରି ମଜାଦାର ହେଉଛି। ପ୍ରଚ୍ଛଦ ପ୍ରସଙ୍ଗଗୁଡ଼ିକ ବେଶ୍ ଶିକ୍ଷଣୀୟ ହେବା ସହ ମନଛୁଆଁ ହୋଇପାରୁଛି।

*–ସାନିଆ ପଟ୍ଟନାୟକ, ଚୌଦ୍ୱାର, କଟକ*

'ଜେଲ ନା ହୋଟେଲ' ବିଷୟଟି ପଢ଼ି ଆଶ୍ଚର୍ଯ୍ୟ ଲାଗିଲା। ୩ ଫୁଟ୍ ୮ ଇଞ୍ଚର ଠେକୁଆ ସତରେ ଭାରି ବିସ୍ମୟକର ଥିଲା। ରାଶିଫଳରେ ମୋର ବହୁତ ବିଶ୍ୱାସ। ତେଣୁ ମୁଁ ସବୁ ସପ୍ତାହ ଏହାକୁ ପଢ଼େ।

*–ବିଭୁ ପ୍ରସାଦ ମହାପାତ୍ର, ଜଗନ୍ନାଥ ପ୍ରସାଦ, ଭଦ୍ରକ*

ଛୁଟିଦିନ ଆମର ଭାରି ପ୍ରିୟ। ସବୁ ରବିବାର ଏହାକୁ ଅପେକ୍ଷା କରି ରହିଥାଉ। ଏହାର ସବୁ ପୃଷ୍ଠା ବେଶ୍ ମନଛୁଆଁ। ତେବେ ଏବେ ଏହା ୧୬ ପୃଷ୍ଠାରେ ଆସୁ ନ ଥିବାରୁ ଦୁଃଖ ଲାଗୁଛି।

*–ରିମା ମିଶ୍ର, ପଟିଆ, ଭୁବନେଶ୍ୱର*

ଏଥରର ପ୍ରଚ୍ଛଦ ପ୍ରସଙ୍ଗ ପଢି ବହୁତ ଭଲ ଲାଗିଲା। କାର୍ଟୁନ କର୍ନର, ହାଃ ହାଃ ପଢିବାକୁ ମତେ ବହୁତ ଭଲ ଲାଗେ। ଛୋଟ ଛୋଟ ପାଠଗୁଡିକ ମଜାଦାର ହେବା ସହ ଶିକ୍ଷଣୀୟ ହୋଇଥାଏ। ତେଣୁ ସେଗୁଡିକୁ ମୁଁ ଆଗ ପଢେ। ସୃଜନ ପୃଷ୍ଠାର ଗପ, କବିତାଗୁଡିକ ମନଛୁଆଁ ହେଉଛି।

*–ଚୁଲ୍‌ବୁଲି ନାୟକ, ଯାଜପୁର*



### ବିଶେଷ ଚିଠି

**ସା**ହିତ୍ୟ ସମ୍ଭାର ସୁନ୍ଦର ବର୍ଣ୍ଣନା
ସିନେମା ସାଙ୍ଗକୁ ଜଣା ଅଜଣାର କଥା
ସପ୍ତାହରେ ଥରେ ଆସିଥାଏ ସିଏ।
ଆଣିଥାଏ ସାଥେ କେତେ ହସକଥା
ପୁଣି ଦିଏ ଦେଶ ବିଦେଶର ବାର୍ତ୍ତା।
କେହି ନୁହେଁ ସିଏ ପ୍ରିୟ ଛୁଟିଦିନ
ସଦା କିଣିନିଏ ସଭିଙ୍କର ମନ।

**–ସୁଜାତା ସାହୁ**
**ଲୁଣି ବାହାଲ, ବୌଦ୍ଧ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଶିକ୍ଷା ପାଇଁ ତ୍ୟାଗ

ଗୁରୁଙ୍କୁ ସବୁବେଳେ ଉଚ୍ଚ ଆସନ ଦିଆଯାଇଛି। ଈଶ୍ୱର ଗୁରୁଙ୍କୁ ସୃଷ୍ଟି କରନ୍ତି। ମାତ୍ର ଗୁରୁ ହିଁ ଈଶ୍ୱରଙ୍କୁ ଈଶ୍ୱର ବୋଲି ଚିହ୍ନେଇଥାନ୍ତି। ଆମ ମହାଭାରତୀୟ ସଂସ୍କୃତିରେ ଗୁରୁଙ୍କୁ ଈଶ୍ୱର ନ ହେଲେ ଈଶ୍ୱରଙ୍କଠୁ ବଡ଼ ଆସନ ଦିଆଯାଇଛି। ସେଥିଲାଗି କୁହାଯାଇଛି– ଗୁରୁଙ୍କୁ ନମିବ ନର/ଗୁରୁ ହିଁ ସାକ୍ଷାତ ଈଶ୍ୱର! ଶିକ୍ଷକତା ହେଉଛି ଏକ ଅତି ସାଧୁକର୍ମ। ଏହା ସମାଜର ମେରୁଦଣ୍ଡ ତିଆରି କରେ। ସଂସ୍କୃତି ପରମ୍ପରାର ମୂଳଦୁଆ ପକାଏ। ଦେଶର ଭବିଷ୍ୟତ ତିଆରି କରେ। ଏକଦା ଭାରତର ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମ୍ କହିଥିଲେ ଯେ, ଯଦି ମତେ କେହି ଜଣେ ଶିକ୍ଷକ ଭାବରେ ମନେ ରଖିବ ତା'ହେଲେ ମୁଁ ନିଜକୁ ଗୌରବାନ୍ୱିତ ମନେ କରିବି। ଶିକ୍ଷା, ଶିକ୍ଷାଦାନ ତଥା ସମାଜ ପରିବର୍ତ୍ତନରେ ବ୍ରତୀ କେତେଜଣ ଶିକ୍ଷାମନସ୍କ ମଣିଷ ବା ଗୁରୁଙ୍କ ସମ୍ପର୍କରେ...

**ସାବିତ୍ରୀ ବାଈ ଫୁଲେ :** ଗୁରୁଦିବସ କଥା ମନେପଡ଼ିଲେ ସାବିତ୍ରୀ ଫୁଲେ ଆଖି ଆଗକୁ ଚାଲିଆସନ୍ତି। ୧୮୩୧ରେ ମହାରାଷ୍ଟ୍ରର ସତାରା ଜିଲା ସ୍ଥିତ ନାଇଗାଁ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ସାବିତ୍ରୀବାଈ ଫୁଲେ। ତାଙ୍କ ମା'ବାପାଙ୍କର ସେ ଥିଲେ ପ୍ରଥମ ସନ୍ତାନ। ସେ ବିବାହ କରିଥିଲେ ଜ୍ୟୋତି ରାଓଙ୍କୁ। ବ୍ରିଟିଶ୍ ଉପନିବେଶ ଅନ୍ତର୍ଭୁକ୍ତ ଭାରତରେ ନାରୀ ଶିକ୍ଷାର ପ୍ରଚାର କଥା ଯେତେବେଳେ ଆଲୋଚିତ ହୁଏ ସେତେବେଳେ ସାବିତ୍ରୀବାଈ ଫୁଲେଙ୍କ ନାମ ସବୁଠୁ ଆଗରେ ଆସିଥାଏ। ଉନବିଂଶ ଶତାବ୍ଦୀ ଥିଲା ଭାରତ ପାଇଁ ଘଡ଼ିସନ୍ଧି ମୁହୂର୍ତ୍ତ। ସେତେବେଳେ ନାରୀଶିକ୍ଷା କଥା କହିଲେ ଲୋକମାନେ କାନରେ ହାତ ଦେଉଥିଲେ। ସେହି ସମୟରେ ବି ତାଙ୍କର ଆଗ୍ରହ ଥିବା ଜାଣି ସ୍ୱାମୀ ଜ୍ୟୋତି ରାଓ ତାଙ୍କୁ ପାଠପଢ଼ିବାରେ ସାହାଯ୍ୟ କଲେ। ସେ ଖାଲି ପାଠ ପଢ଼ିଲେନି; ଅଧିକନ୍ତୁ ଶିକ୍ଷାଦାନକୁ ତାଙ୍କର ବୃତ୍ତି ଭାବରେ ମଧ୍ୟ ଗ୍ରହଣ କରିନେଲେ। ତାଙ୍କୁ ଭାରତର ପ୍ରଥମ ମହିଳା ଶିକ୍ଷକ ବୋଲି କୁହାଯାଇଥାଏ। ୧୮୪୮ରେ ସେ ମାତ୍ର ଆଠଜଣ ଝିଅଙ୍କୁ ନେଇ ଗୋଟିଏ ସ୍କୁଲ କରି ସେଠାରେ ଶିକ୍ଷାଦାନ ଆରମ୍ଭ କରିଥିଲେ। ଝିଅମାନଙ୍କୁ ପାଠ ପଢ଼ାଇ ସେ ସମାଜ ଓ ସଂସ୍କୃତିକୁ ନଷ୍ଟ କରୁଛନ୍ତି ବୋଲି ଅଭିଯୋଗ କରି ଲୋକମାନେ ତାଙ୍କୁ ଯିବାଆସିବା ବାଟରେ ପଚାଅଣ୍ଡା, ଟମାଟୋ, ଗୋବର, ଟେକାପଥର ମାଡ଼ କରୁଥିଲେ। ଏସବୁ ପ୍ରତି ତାଙ୍କର ଖାତିର ନଥିଲା। ସେ ନିଜ ଜିଦ୍‌ରେ ଅଟଳ ଥିଲେ। ସେତିକିନୁହେଁ, ସେ ସ୍ତ୍ରୀଲୋକମାନଙ୍କୁ ପାଠ ପଢ଼େଇବାକୁ ମଧ୍ୟ ଏକ ସ୍କୁଲ ଖୋଲିଥିଲେ। ତାଙ୍କର ଶିକ୍ଷାଦାନ କୌଶଳ ଏତେ ସରଳ ଥିଲା ଯେ, ପ୍ରତ୍ୟେକ ଦିନ ନୂଆ ନୂଆ ମହିଳା ଓ ଝିଅ ଆସି ସ୍କୁଲରେ ଯୋଗ ଦେଉଥିଲେ। ଆଜି ନାରୀଶିକ୍ଷାକୁ ନେଇ ଭାରତରେ ଯେଉଁ ନାରାବାଜି ଦିଆଯାଉଛି ସାବିତ୍ରୀବାଈ ଫୁଲେ ଯେ ତାହାର ଥିଲେ କର୍ଣ୍ଣଧାର ସେକଥାକୁ ଅସ୍ୱୀକାର କରାଯାଇପାରିବ ନାହିଁ।

**ଅନ୍ନପୂର୍ଣ୍ଣା ମୋହନ :** ତାଙ୍କ ସାମ୍ନାରେ ଦୁଇଟି ରାସ୍ତା ଥିଲା। ସେ ଚାହିଁଥିଲେ କୌଣସି ନା କୌଣସି ଏକ କର୍ପୋରେଟ୍ କମ୍ପାନିରେ ଚାକିରି କରିପାରିଥାନ୍ତେ। ମୋଟାଅଙ୍କର ଦରମା, ବିଳାସବ୍ୟସନ କିଛି ବି ଅଭାବ ରହିନଥାନ୍ତା। ଏକ ସୁରକ୍ଷିତ ଭବିଷ୍ୟତ ବି ତାଙ୍କ ପାଖରେ ଛାଇଭଳି ଲାଗି ରହିଥାନ୍ତା। ଦ୍ୱିତୀୟଟି ଥିଲା ଶିକ୍ଷାଦାନ। ଏଥିରେ ନା ଥିଲା ଭବିଷ୍ୟତ, ନା ଥିଲା ମୋଟା ଦରମା, ନା ଥିଲା ଆରାମଦାୟକ ଜୀବନ, ନା ଥିଲା ବିଳାସବ୍ୟସନର ସଂକେତ। ବରଂ ଥିଲା ଏକ ଅନିଶ୍ଚିତ ଭବିଷ୍ୟତର ରାସ୍ତା। ମାତ୍ର ସେ ଶିକ୍ଷାଦାନକୁ ନିଜର ବୃତ୍ତି ଭାବରେ ଚୟନ କଲେ। ଏହା ତାଙ୍କ ପାଇଁ ବୃତ୍ତି ନଥିଲା; ଥିଲା ସେବା। ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ଦ୍ୱାରା ହିଁ ଆମ ସମାଜର ମାନରେ ବୃଦ୍ଧି ଘଟିବ। ଏହାଦ୍ୱାରା ସୁସ୍ଥ ତଥା ସଚେତନ ନାଗରିକ ତିଆରି କରାଯାଇପାରିବ। ବାସ୍, ଅନ୍ନପୂର୍ଣ୍ଣା ମୋହନ ଚାଲିଆସିଲେ ଶିକ୍ଷାକୁ ନେଇ ସେବା କରିବାକୁ। ତାମିଲନାଡୁର କନ୍ଧଡୁଠାରେ ପ୍ରତିଷ୍ଠା କଲେ ତାଙ୍କ ସ୍ୱପ୍ନ ଶିକ୍ଷାନୁଷ୍ଠାନ। ଆଜି ସେହି ଶିକ୍ଷାନୁଷ୍ଠାନ ପଞ୍ଚାୟତ ୟୁନିୟନ୍ ପ୍ରାଇମେରି ସ୍କୁଲ୍ ଭାବରେ ପରିଚିତ। ଯେକୌଣସି ସରକାରୀ ବିଦ୍ୟାଳୟ ଏହା ତୁଳନାରେ କିଛି ନୁହେଁ। ତାଙ୍କର ଶିକ୍ଷାଦାନ ପଦ୍ଧତି ଏଭଳି ସରଳ ତଥା ଉଚ୍ଚକୋଟୀର ଯେ, ପିଲାଏ କେବଳ ତାଙ୍କରି ମୁହଁକୁ ଅନେଇ ବସିଥାନ୍ତି। ଅନ୍ନପୂର୍ଣ୍ଣା କହନ୍ତି, ଆଜି କର୍ପୋରେଟ କମ୍ପାନିରେ ଚାକିରି କରିଥିଲେ ସେ ଅବଶ୍ୟ ଅନେକ ଭଲରେ ଥାଆନ୍ତେ। ମାତ୍ର ତାଙ୍କୁ ଆତ୍ମସନ୍ତୁଷ୍ଟି ମିଳି ନ ଥାନ୍ତା, ଯାହା ଆଜି ତାଙ୍କୁ ଭରପୂର ମିଳିଯାଉଛି।

**କେଶବ ସରଣ :** ଯଦି ମନୋବଳ ଦୃଢ଼ ଓ ଉଦ୍ୟମ ବଡ଼ ହୁଏ ତା'ହେଲେ ଯେତେ ବାଧାବିଘ୍ନ ଆସିଲେ ସୁଦ୍ଧା ସଫଳତା ପଦ ଚୁମ୍ବନ ଦେଇଥାଏ। ଏହି କଥାର ଏକ ଉଦାହରଣ ହେଉଛନ୍ତି ଉତ୍ତର ପ୍ରଦେଶ ସ୍ଥିତ ରାମପୁରର କେଶବ ଶରଣ। ଏକଦା ମାତ୍ର ପାଞ୍ଚ ଛ'ଜଣ ପିଲାଙ୍କୁ ନେ ଗୋଟିଏ ଚାଟଶାଳୀ ଆରମ୍ଭ କରିଥିଲେ। ମାତ୍ର ତାହା ଆଜି ଏକ ବିଶାଳ ଶିକ୍ଷାନୁଷ୍ଠାନ। କେଶବ ଶରଣ ଏକଦା ଖୋଲିଥିବା ଚାଟଶାଳୀ ଆଜି ଏକ ଇଣ୍ଟରମିଡିଏଟ୍ କଲେଜରେ ପରିଣତ ହୋଇଛି। ଏହାର ଛାତ୍ରୀଛାତ୍ର ସଂଖ୍ୟା ହେଉଛନ୍ତି ୧,୩୨୦। କେଶବ ଶରଣ ଯେତେବେଳେ ତାଙ୍କର ଚାଟଶାଳୀ ଆରମ୍ଭକଲେ ସେତେବେଳେ ତାଙ୍କୁ ମିଳିଥିଲେ ମାତ୍ର ପାଞ୍ଚ ଛ'ଜଣ ପିଲା। ଏହା ଅବଶ୍ୟ ତାଙ୍କ ପାଇଁ ଖୁବ୍ ନୈରାଶ୍ୟଜନକ ଥିଲା। ମାତ୍ର ସେ ହତୋତ୍ସାହିତ ହୋଇ ନଥିଲେ। ସେଇ ପାଞ୍ଚ/ଛ' ଜଣଙ୍କୁ ସେ ପାଠ ପଢ଼ାଇଲେ। ତାଙ୍କର କଥାଗୁଡ଼ିକ ଏତେ ମଧୁର ଆଉ ପାଠପଢ଼ାର ଶୈଳୀ ଏତେ ସୁନ୍ଦର ଥିଲା ଯେ ଧୀରେ ଧୀରେ ପିଲାଙ୍କ ସଂଖ୍ୟା ବଢ଼ିବାକୁ ଲାଗିଲା। ଦୁଇମାସ ଭିତରେ ତାଙ୍କ ଚାଟଶାଳୀରେ ପିଲାଙ୍କ ସଂଖ୍ୟା ଯାଇ ପହଞ୍ଚିଲା ୧୫୦ରେ। ଏଥିରେ ସେ ଏତେ ମାତ୍ରାରେ ଉତ୍ସାହିତ ହୋଇଥିଲେ ଯେ, ସଙ୍ଗେସଙ୍ଗେ ଗୋଟିଏ ଫର୍ମାଲ ସ୍କୁଲ ଆରମ୍ଭ କରିଦେଲେ। ତାଙ୍କର ଚାରିଏକର ପରିମିତର ଗୋଟିଏ ମାତ୍ର ଚାଷଜମି ରହିଥିଲା। ସେଇଥିରୁ ତାଙ୍କର ଗୁଜରାଣ ମେଣ୍ଟୁଥିଲା। ମାତ୍ର ସେଠାରେ ଏକ ଜୁନିଅର ହାଇସ୍କୁଲ ଆରମ୍ଭ କରିଦେଲେ। ପରେ ପରେ ଶିକ୍ଷା ବିଭାଗରେ ତାଲିମ ନେଇ ତାଙ୍କ ସହିତ ଆସି ଯୋଗଦେଲେ ତାଙ୍କର ପୁଅଝିଅ। ପରେ ଏହା ଇଣ୍ଟର କଲେଜରେ ପରିଣତ ହେଲା। ସମ୍ପ୍ରତି ଏହାର ନାମ କେଶବ ଇଣ୍ଟର କଲେଜ ରଖାଯାଇଛି। ଜଣେ ନିଜସ୍ୱ ଉଦ୍ୟମରେ କ'ଣ କରିପାରେ ତାହାର ଏକ ନମୁନା ହେଉଛନ୍ତି କେଶବ ଶରଣ।



ଇମ୍ରାନ୍ ଖାଁ



ସାବିତ୍ରୀ ବାଈ ଫୁଲେ



କେଶବ ସରଣ

**ଇମ୍ରାନ୍ ଖାଁ :** ରାଜସ୍ଥାନର ଅଲୱାର ନିବାସୀ ହେଉଛନ୍ତି ଇମ୍ରାନ୍ ଖାଁ। ବୃତ୍ତି ଶିକ୍ଷକତା। ସେ ଜଣେ ସଂସ୍କୃତ ଶିକ୍ଷକ। ନିଶା କିନ୍ତୁ ଆପ୍ ତିଆରି। ଗୋଟିଏ ନୁହେଁ କି ଦୁଇଟା ନୁହେଁ, ସେ ତିଆରି କରିଛନ୍ତି ୫୨ଟି ଏଜୁକେସନାଲ୍ ଆପ୍। ଆଉ ଇ-ଲର୍ଣ୍ଣିଂ ତଥା ଡିଜିଟାଲ ଇଣ୍ଡିଆରେ ସହାୟକ ହେବ ବୋଲି ସେସବୁ ଆପ୍‌କୁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟକୁ ପ୍ରଦାନ କରିଛନ୍ତି। ତାଙ୍କର ଆପ୍ ସବୁ ୩୦ ଲକ୍ଷ ଡାଉନ୍‌ଲୋଡ୍ ହୋଇ ସାରିଛି। ପ୍ରତିଦିନ ଚାରିକୋଟିରୁ ଉର୍ଦ୍ଧ୍ୱ ସେସବୁକୁ ଦେଖିଥାନ୍ତି।

ଏହି ଉଚ୍ଚାକାଂକ୍ଷୀ ମହତ ମଣିଷମାନଙ୍କ ବିଷୟରେ ଶେଷରେ ଏତିକି କଥା କୁହାଯାଇପାରିବ ଯେ ଶିକ୍ଷାକୁ ଆଗେଇ ନେବା ପାଇଁ ଯେଉଁ ଗୁରୁ ପରମ୍ପରା ଆମର ଏଇ ମହାଭାରତୀୟ ସଂସ୍କୃତି ଆରମ୍ଭ କରିଦେଇଯାଇଛି ଏମାନେ ତାହାର ଜଣେ ଜଣେ ସାର୍ଥକ ସାରଥି। –ରାଜେନ୍ଦ୍ର ରାଉଳ





# ପକେଟ କ୍ୟାଲେଣ୍ଡର

**– ଡଃ ନରେନ୍ଦ୍ର ସେଠୀ**

ନୂଆ ବର୍ଷ ଆରମ୍ଭରୁ ବାପା କୋହିନୁର ପକେଟ କ୍ୟାଲେଣ୍ଡର କିଣି ଆଣୁଥିଲେ। ବର୍ଷେ ପର୍ଯ୍ୟନ୍ତ ଭାଗ୍ୟ ନିର୍ଦ୍ଧାରଣ କରୁଥିବା ସେଇ ଛୋଟିଆ ବହି ଖଣ୍ଡକ ରହେ ବାପାଙ୍କ କୁର୍ତ୍ତାର ଛାତି ପକେଟରେ। ବାପାଙ୍କ ରାଶି କନ୍ୟା। ଭାଗ୍ୟ ଫଳ, ଗ୍ରହ ଦଶା, ଶନି ସପ୍ତା ଓ ରାହୁ ମହାଦଶା ବିଷୟରେ ସବୁ କଥାଗୁଡିକ କହୁଥିଲା ପକେଟ କ୍ୟାଲେଣ୍ଡର। ତା’ ଛଡା ଏକାଦଶୀ, ହଳ ନିଷେଧ, ଜାଗର ଓ ରଥଯାତ୍ରାର ଠିକ ତିଥି ବାର ସବୁ ବାପା ସେଇ କ୍ୟାଲେଣ୍ଡର ପଢି ଜାଣନ୍ତି। ବିଶ୍ୱସ୍ତ ପକେଟ କ୍ୟାଲେଣ୍ଡର କେବେ ବାପାଙ୍କ ଭାଗ୍ୟ ବଦଳେଇବା ମୁଁ ଦେଖିନି। ତଥାପି ଜମିଜମା କ୍ରୟ, ଧନଲାଭ ବ୍ୟତୀତ ଏସନ ଭାରତ ଓ ପୃଥିବୀର ରାଜନୈତିକ ପରିସ୍ଥିତି ବିଷୟରେ ମଧ୍ୟ ପକେଟ କ୍ୟାଲେଣ୍ଡର କିଛି କିଛି କହେ। ନୂଆବର୍ଷ ଅବ୍ୟବହିତ ପୂର୍ବରୁ ବାପା ଅସୁସ୍ଥ ହେଇ ହସ୍ପିଟାଲରେ ଥିଲେ। ପକେଟ କ୍ୟାଲେଣ୍ଡର କିଣି ପାରି ନ ଥିବାରୁ ନୂଆବର୍ଷ ଦିନ ଖବରକାଗଜରେ କନ୍ୟା ରାଶିର ଭାଗ୍ୟ ଫଳ ପଢି ଶୁଣେଇବାକୁ କହିଲେ। ମୁଁ ପଢ଼ିଲି । ‘ବର୍ଷଟି ଭଲରେ କଟିବ’। ଜମିଜମା କ୍ରୟ କରିବାର ସୁଯୋଗ ଲାଭ କରିବେ। ଉଦରଜନିତ ଯନ୍ତ୍ରଣାରେ ପୀଡିତ ହୋଇପାରନ୍ତି ।

ବାପାଙ୍କ ମୁହଁ ଚମକି ଉଠିଲା। ‘ଦେଖିଲୁ ତ ..?’ ନିଜ ପେଟ ଯନ୍ତ୍ରଣାକୁ ନେଇ ଡାକ୍ତରଖାନାରେ ଥିବାରୁ ପକେଟ କ୍ୟାଲେଣ୍ଡର କଥା କେତେ ସତ ମୋତେ ପ୍ରମାଣିତ କରୁଥିଲେ। ହେଲେ ଜମି ଜମା କ୍ରୟ କରିବାର ସୁଯୋଗ ନ ଥିବା କଥା କହିବାରୁ ବାପା ନିରାଶ ହେଲେ। ତଥାପି ତାଙ୍କର ବିଶ୍ୱାସ ଥିଲା କ୍ୟାଲେଣ୍ଡର କଥା ନିଶ୍ଚୟ ସତ ହେବ। ହଠାତ୍ ସେଇଦିନ ରାତିରେ ବାପା ଚାଲିଗଲେ। ପୁରୀ ସ୍ୱର୍ଗଦ୍ୱାରରେ ଶବ ବ୍ୟବଚ୍ଛେଦ ପାଇଁ ମୁନିସିପାଲିଟି ଅଫିସରେ ସାତଶ’ ପଚାଶ ଟଙ୍କାର ରସିଦ୍ କାଟି ଚାରିହାତ ଜମିରେ ଯୁଇ ଜାଳିବାକୁ ଅନୁମତି ପାଇଲି। ଶେଷରେ ଜମିଜମା କ୍ରୟ କରିବାର ସୁଯୋଗ ଲାଭ ହେଲା।

*–ବୈଜ୍ଞାନିକ, ଭାବା ପରମାଣୁ ଗବେଷଣା କେନ୍ଦ୍ର, ପରିବେଶ ନିରୀକ୍ଷଣ ପରୀକ୍ଷାଗାର, ଯାଦୁଗୁଡା, ପୂର୍ବସିଂଭୂମି, ଝାରଖଣ୍ଡ, ମୋ–୭୦୦୪୦୬୮୧୧୦*

## ଦେବଦାସୀ

**–ସାଗରିକା ପଣ୍ଡା**

ଚୁପି ଚୁପି ଆସେ ମୁହିଁ
ରାତ୍ରିର ନିବିଡ ଅନ୍ଧାରେ
ସମସ୍ତେ ଶୋଇଗଲା ପରେ
ବାନ୍ଧେ ତୁମପାଇଁ ଘୁଂଘୁର
ମୋ ପାଦରେ।
କାଳେ କିଏ ଦେଖିନେବ
ସେଥିପାଇଁ ରାତ୍ରିର
ନିଶା ଗରଜିଲା ପରେ
ନିଜକୁ ମୁଁ ସମର୍ପି ଦିଏ
ତୁମରି ପାଖରେ।
ଏକାନ୍ତ କରିବାକୁ ଚାହେଁ
ରାଧିକାର ସ୍ଥାନ
ନେଇ ପାରେନି
ରହିଯାଏ ମୁହିଁ
ଦେବଦାସୀ ହୋଇ।।।

*–ବଗୁରାଇ, ମାଧବନଗର, ଭଦ୍ରକ*
*ମୋ–୯୧୭୮୩୩୯୫୧୨*

## ଦୁଇ ଗଜ

**–ଡା. ବାସୁଦେବ ପ୍ରଧାନ**

ତୁ ଯୋଉଠି ଥା ତୁ
ଭଲରେ ଥା,
ମନରେ ଥା ତୁ
ହୃଦୟରେ ଥା।।
ମୁଖା, ହାତ ଧୁଆ,
ସାମାଜିକ ଦୂରତା
ଶବ୍ଦଗୁଡାକ
ମୋ ଦହିହାଣ୍ଡି
ଚହଲେଇ ଦେଲେଣି।।
ଯାଇକି ବା ଲାଭ କ’ଣ ଯେ
ତୁ ତ ଦୂରେଇ ରହିବୁ
ମୋଠୁ
ଦୁଇ ଗଜ।।

*–ଶ୍ରୀକୃପା, ଇନ୍ଦ୍ରପ୍ରସ୍ଥ ଫେଜ୍–୨,ପୋଖରୀପୁଟ, ଭୁବନେଶ୍ୱର*
*ମୋ–୯୪୩୭୩୦୫୦୪୫*


## ଅସ୍ତିତ୍ୱ

**–ସୁବ୍ରତ ମଲିକ**

ନିବୁଜ କୋଠରି
ନିଃସ୍ତବ୍ଧ ରଜନୀ
ପଚାରେ ହୃଦୟର ପ୍ରତିଧ୍ୱନି
ଆମ ସମ୍ପର୍କର ଅସ୍ତିତ୍ୱ ?
କ’ଣ ବା ଦେବି ପ୍ରତ୍ୟୁତ୍ତର
ଅଟେ ନିରୁପାୟ
କେମିତି କହିବି
ଯେଉଁଠି ଆରମ୍ଭ ସେଇଠି ଶେଷ ।

*–ମଙ୍ଗଳପୁର, ଅସୁରାଳି, ଭଦ୍ରକ*
*ମୋ–୭୨୦୫୫୩୦୯୨୬*





ସାରା–ବରୁଣ

# ଦୀପାବଳିକୁ ଅପେକ୍ଷା

ଡେଭିଡ୍ ଧାୱନଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଛି ରିମେକ୍ ଫିଲ୍ମ 'କୁଲି ନଂ ୱାନ୍'। ଏହି ଚିତ୍ରଟି କେବେ ପରଦା ଉପରକୁ ଆସିବ ତାକୁ ନେଇ ଆଲୋଚନା ଜୋର ଧରିଛି। ନିକଟରେ ସେଥିରେ ଏକରକମ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଏହାର ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ବରୁଣ ଧାୱନ୍। ସେ କହନ୍ତି, 'ବର୍ତ୍ତମାନ କରୋନ ମହାମାରୀ ପାଇଁ ପ୍ରେକ୍ଷାଳୟ ବନ୍ଦ ରହିଛି। ନିକଟରେ ତାହା ଯେ ଓପନ ହେବ ସେମିତି କିଛି ଗ୍ୟାରେଣ୍ଟି ମଧ୍ୟ ନାହିଁ। ତେଣୁ 'କୁଲି ନଂ ୱାନ୍'କୁ ଆମେ ଓଟିଟି ଫର୍ମାଟ୍‌ରେ ରିଲିଜ କରିବାକୁ ଯାଉଛୁ। ସମ୍ଭବତଃ ଚଳିତବର୍ଷ ଦୀପାବଳିରେ ଫିଲ୍ମର ଡିଜିଟାଲ ରିଲିଜ ହେବାର ସମ୍ଭାବନା ରହିଛି। ଖାସ୍ କଥା ହେଲା, ଫିଲ୍ମଟିର ସଫଳତାକୁ ନେଇ କେବଳ ନିର୍ଦ୍ଦେଶକ ତଥା ମୋ ଡ୍ୟାଡି ଡେଭିଡ୍ ନୁହନ୍ତି ମୁଁ ମଧ୍ୟ ବେଶ୍ ଆଶାବାଦୀ ଅଛି। ମୋର ଯେତିକି ଆଶା ଅଛି ଫିଲ୍ମଟି ପ୍ରାୟ ଏଥର ଦୀପାବଳିରେ ହିଁ ରିଲିଜ ହେବ। ତେବେ ଏ ନେଇ ପ୍ରଯୋଜନା ସଂସ୍ଥା ପକ୍ଷରୁ ଅଫିସିଆଲି ଘୋଷଣା ଖୁବ୍‌ଶୀଘ୍ର କରାଯିବ।' ଏହି ଚଳଚ୍ଚିତ୍ରରେ ବରୁଣଙ୍କ ନାୟିକା ସାଜିଛନ୍ତି ସାରା ଅଲ୍ଲୀ ଖାଁ। ସୂଚନାଯୋଗ୍ୟ ଏହାପୂର୍ବରୁ ଡେଭିଡ୍‌ଙ୍କ ନିର୍ଦ୍ଦେଶନାରେ ନିର୍ମିତ 'କୁଲି ନଂ ୱାନ୍' (ଗୋବିନ୍ଦା, କରିଷ୍ମା କପୁର) ହିଟ୍ ହୋଇଥିଲା। ତେବେ ବରୁଣ–ସାରା ଅଲ୍ଲୀ ଖାଁ ଅଭିନୀତ ଏହାର ରିମେକ୍ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।


ତାପସୀ

# ଆଇଟମ୍ ନମ୍ବର ପାଇଁ...

ନୂଆ ସିନେମାର କାହାଣୀ ବିଷୟରେ ଜାଣିବା ପରେ ସେ ଖୁସିରେ ଉଛୁଳି ଉଠିଥିଲେ। ଏପରି କି ନିଜ ଭୂମିକା ତାଙ୍କର ଆକ୍ଟିଂ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ହେବ ବୋଲି ସେ କହିବୁଲୁଥିଲେ। ହେଲେ ଠିକ୍ ସେତିକିବେଳକୁ ଏଥିରେ କେଁ ସୃଷ୍ଟି ହୋଇଥିଲା। ହଠାତ୍ କାହାଣୀରେ ଏକ ଆଇଟମ୍ ନମ୍ବରଟିଏ ଯୋଡି ଏଥିରେ ନାଚିବାକୁ ତାଙ୍କୁ ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଥିଲା। ବାସ୍, ତା'ପରେ ଦୋଛକିରେ ପଡ଼ିଯାଇଥିଲେ ଅଭିନେତ୍ରୀ ଜଣକ। ହଁ, ସେ ହେଲେ ହୁମ୍ମା କୁରେସୀ। କଥା କ'ଣ କି ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କର ସିନେମାରେ ହୁମ୍ମାଙ୍କୁ ନାୟିକା ଭାବରେ ସାଇନ୍ କରାଇବାକୁ ଚାହିଁଲେ। କାହାଣୀ ଏବଂ ନିଜ ଭୂମିକା ବିଷୟରେ ଜାଣିବା ପରେ ତାଙ୍କର ଖୁସି ବନ୍ଧବାଡ଼ ମାନି ନ ଥିଲା। ହେଲେ ଯେତେବେଳେ ଆଇଟମ୍ ନମ୍ବର କଥା ଉଠିଲା ସେତେବେଳେ ହୁମ୍ମାଙ୍କ ହୋସ୍ ଉଡ଼ିଯାଇଥିଲା। ଏ ନେଇ ସେ କହନ୍ତି, 'ଏଥିରେ ସଂଯୋଜିତ ଆଇଟମ୍ ନମ୍ବରରେ ମୋତେ ନାଚିବାକୁ କୁହାଯାଇଛି। ହେଲେ ଏ ନେଇ ମୁଁ ଫାଇନାଲ ଡିସିସନ ନେଇପାରିନାହିଁ। କାରଣ ଏହାପୂର୍ବରୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ ହେବାକୁ ପଡ଼ିବ। ହେଲେ ଏଥିପାଇଁ ମୁଁ ଅଧିକ ପାରିଶ୍ରମିକ ଦାବି କରୁଛି ବୋଲି ଯାହା ଶୁଣାଯାଉଛି ତାହା ମିଛ।'


ହୁମ୍ମା

# ତାପସୀ ଯାହା ଚାହୁଁଥିଲେ

ତାପସୀ ଯାହା ଚାହୁଁଥିଲେ ତାହା ନିକଟରେ ପୂରଣ ହୋଇଛି। କଥା କ'ଣ କି ଅନୁଭବ ସିହ୍ନାଙ୍କ ପରି ନାମୀ ନିର୍ଦ୍ଦେଶକଙ୍କ ଫିଲ୍ମରେ ପୁଣି ଥରେ ଆକ୍ଟିଂ କରିବା ତାଙ୍କର ଏକ ଆଶା ଥିଲା। ପୁଣି ଏମିତି ସଂଯୋଗ ଏହି ନିର୍ଦ୍ଦେଶକ ତାଙ୍କର ଆଗାମୀ ଫିଲ୍ମ ପାଇଁ ତାପସୀଙ୍କୁ ସାଇନ୍ କରାଇଛନ୍ତି। ଏକଥା ପ୍ରାୟ ଅନେକ ଜାଣନ୍ତି ଯେ ତାପସୀଙ୍କ ଅଭିନୀତ 'ଥପ୍ପଡ' ଚଳିତବର୍ଷ ଫେବୃୟାରୀରେ ରିଲିଜ ହୋଇଥିଲା, ଆଉ ସିନେମାଟି ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ଅନୁଭବ ସିହ୍ନା। ତେବେ ନିକଟରେ ଜାତିପ୍ରଥାକୁ ନେଇ ଅନୁଭବ ଏକ ସିନେମା ନିର୍ମାଣ କରିବାକୁ ଯୋଜନା କରିଥିଲେ। ଏହାର ନାୟିକା ଭୂମିକାରେ ଆଉ କାହା କଥା ନ ଭାବି ସିଧାସଳଖ ତାପସୀଙ୍କୁ ଯୋଗାଯୋଗ କରିଥିଲେ ଏବଂ ସେ ମଧ୍ୟ ଆଖିବୁଜି ଏଥିରେ ରାଜି ହୋଇଯାଇଥିଲେ। 'ଅନୁଭବଙ୍କ ପରି ଜଣେ ନାମୀ ନିର୍ଦ୍ଦେଶକଙ୍କ ସହ ବ୍ୟାକ୍–ଟୁ–ବ୍ୟାକ୍ ଦୁଇଟି ସିନେମାରେ ଅଭିନୟ କରୁଛି। ଗୋଟିଏ (ଥପ୍ପଡ) ରିଲିଜ ହୋଇସାରିଛି। ନୂଆ ସିନେମାର ପ୍ରାରମ୍ଭିକ କାମ ଚାଲୁରହିଛି। ଏହି ଫିଲ୍ମଟି ମଧ୍ୟ ହିଟ୍ ହେବ ବୋଲି ଆଶା ରଖିଛି ବୋଲି କହନ୍ତି ତାପସୀ।'


ଦୀପକ–ପ୍ରାଚୀ

# ଟୁ–ଇନ୍–ୱାନ୍ ଦୀପକ

ଅଭିନେତା ଦୀପକ ଏଥର ଆଉ ଏକ ଗୁରୁଦାୟିତ୍ୱ ତୁଲାଉଛନ୍ତି। ଅନାମ ଚରଣ ସାହୁଙ୍କ ପ୍ରଯୋଜିତ 'ଚୋରି ଚୋରି ମନ ଚୋରି'ରୁ ସେ ତାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିଲେ। ତା'ପରେ ବେଶ୍ କେତୋଟି ସିନେମାରେ ଅଭିନୟ କରି ସେ ନିଜକୁ ଜଣେ ଆଗଧାଡ଼ିର ଅଭିନେତା ଭାବରେ ପରିଚିତ କରାଇପାରିଛନ୍ତି। ଏବେ ସେ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ପାଦ ଦେଇଛନ୍ତି। ହୋମ ବ୍ୟାନର ତନୁଜା ସିନେ ପ୍ରଡକ୍ସନରେ ନିର୍ମିତ ହେଉଛି ଏକ ଭିନ୍ନ ଧରଣର ଓଡ଼ିଆ ସିନେମା 'ପଲ୍ ପଲ୍ ତତେ ଚାହେଁ'। ଖାସ୍ କଥା ହେଲା, ଏହି ଚିତ୍ରର ପ୍ରଯୋଜନା ଦୀପକ କରିଛନ୍ତି ଏବଂ ତା'ସହ ଏହାର ନାୟକ ଭୂମିକାରେ ମଧ୍ୟ ଅବତୀର୍ଣ୍ଣ ହୋଇଛନ୍ତି। ତାଙ୍କ ଅପୋଜିଟ୍‌ରେ ସ୍କ୍ରିନ୍ ଶେୟାର କରୁଛନ୍ତି ରଜ କୁଇନ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଚର୍ଚ୍ଚିତ ହୋଇଥିବା ପ୍ରାଚୀ ଚୌଧୁରୀ। ଏହାର କାହାଣୀ ରଚନା କରିଛନ୍ତି ତନୁଜା ସାହୁ ଏବଂ ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ନିର୍ଦ୍ଦେଶନା ଦେଉଛନ୍ତି ସୁଧାକର ବସନ୍ତ। ଚଳଚ୍ଚିତ୍ରରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ୍ ମଜୁମଦାର। ଦୀପକ ଏବଂ ନବାଗତା ପ୍ରାଚୀଙ୍କ ବ୍ୟତୀତ ଉକ୍ତ ସିନେମାର ବିଭିନ୍ନ ଭୂମିକାରେ ମାନସୀ ପାଲ୍, ପ୍ରଦ୍ୟୁମ୍ନ ଲେଙ୍କା, ପିଣ୍ଟୁ ନନ୍ଦ, ସରୋଜ ଦାସ, ନନ୍‌ସେନ୍ସ ମଣି, ବିକାଶ, ସୋମୁ, ମୀନାକ୍ଷୀ, ଅଞ୍ଜଳି ଏବଂ ଟିକି ପ୍ରମୁଖ କଳାକାର।

# ମଡେଲ ମିରର୍



ଅର୍ଚ୍ଚିତା

**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲ୍ଲା

## ହାଃ ହାଃ

### ଗ୍ରୁପ୍

ଆକ୍ସିଡେଣ୍ଟ ହୋଇଥିବା ରୋଗୀଙ୍କୁ
ଡାକ୍ତର- ତମ ଗ୍ରୁପ୍ କ'ଣ ?
ରୋଗୀ- 'ଆଜାଦ୍ ପରିନ୍ଦେ'।
ଡାକ୍ତର- ବ୍ଲଡ୍ ଗ୍ରୁପ୍ ପଚାରୁଛି, ହ୍ୱାଟ୍ସ ଆପ୍ ଗ୍ରୁପ୍ ନୁହଁ।

### ପ୍ରେଷ୍ଟିଜ୍

ରାଜୁ ବାପାଙ୍କୁ- ବାପା, ଟିକେ କାର୍ ଚାବି ଦେଲ।
ବାପା- କାହିଁକି ?
ରାଜୁ-ଆଜି କଲେଜରେ ଫଙ୍କ୍‌ସନ୍ ଅଛି। ୧୧ଲକ୍ଷ ଟଙ୍କିଆ କାର୍‌ରେ ଗଲେ ମୋର ପ୍ରେଷ୍ଟିଜ୍ ବଢ଼ିବ।
ବାପା- ଏଇ ନେ ୧୦ ଟଙ୍କା। ଆଉ ୨୫ ଲକ୍ଷ ଟଙ୍କିଆ ବସ୍‌ରେ ପଳେଇବୁ। ତୋର ପ୍ରେଷ୍ଟିଜ୍ ଆହୁରି ଅଧିକ ବଢ଼ିଯିବ।

### ସ୍ୱଚ୍ଛ ପଦାର୍ଥ

ଶିକ୍ଷକ- ସ୍ୱଚ୍ଛ ପଦାର୍ଥ କହିଲେ କ'ଣ ବୁଝ ?
ପିଲାମାନେ- ଜାଣିନୁ ସାର୍।
ଶିକ୍ଷକ- ଯାହା ମଧ୍ୟ ଦେଇ ଆମେ ଦେଖିପାରୁ ତାହା ହେଉଛି ସ୍ୱଚ୍ଛ ପଦାର୍ଥ। ଏବେ ପିଲେ ଏହାର ଏକ ଉଦାହରଣ ଦେଲ।
ପପୁ- ସାର୍, ଝରକା।

ବ୍ୟାକ୍ ପେଜ୍





# ଗଛରେ ମଞ୍ଚା କରି ଅନ୍‌ଲାଇନ୍ କ୍ଲାସ

କଲିକତାରେ ଶିକ୍ଷକତା କରନ୍ତି ସୁବ୍ରତ ପତି। ତେବେ ଲକ୍‌ଡାଉନ୍ ଯୋଗୁଁ ସେ ଫେରିଯାଇଥିଲେ ନିଜ ଗାଁ ଅହନ୍ଦାକୁ। ହେଲେ ପିଲାଙ୍କ ପଢ଼ାରେ ଯେମିତି ବ୍ୟାଘାତ ସୃଷ୍ଟି ନ ହୁଏ ସେଥିପାଇଁ ସେ ଅନ ଲାଇନ୍ କ୍ଲାସ୍ ଜାରି ରଖିବାକୁ ଭାବିଲେ। କିନ୍ତୁ ତାଙ୍କ ଗାଁ ଏକ ଉପାନ୍ତ ଅଞ୍ଚଳ ହୋଇଥିବାରୁ ସେଠାରେ ନେଟୱର୍କ କେବେ ରହୁ ଥିଲା ତ କେବେ ନୁହେଁ। ପାଠପଢ଼ାରେ ଅନେକ ସମସ୍ୟା ଦେଖାଦେଲା। ସେଥିପାଇଁ ସେ ଆପଣେଇଲେ ଏକ ଅଭିନବ ଉପାୟ। ଚଢ଼ିଗଲେ ଗାଁର ଏକ ଉଚ୍ଚା ନିମ୍ବ ଗଛ ଉପରେ। ଗଛର ଯେଉଁଠାରେ ନେଟୱର୍କ ଭଲରେ ଆସୁଥିଲା ସେଠାରେ ସେ ଏକ ଭାଡ଼ି ବା ମଞ୍ଚା ତିଆରି କଲେ। ଆଉ ତାରି ଉପରେ ବସି ଅନ୍‌ଲାଇନ୍ କ୍ଲାସ୍ କଲେ। ଅସହ୍ୟ ଖରା ହେଲେ ବି ତାଙ୍କର ଏଥିପ୍ରତି ଖାତିର୍ ନ ଥାଏ। ଯଦି ଝଡ଼ ବର୍ଷାରେ ମଞ୍ଚାଟି ଭାଙ୍ଗିଯାଏ, ପରଦିନ ସେପୁଣି ଥରେ ନୂଆ ଏକ ମଞ୍ଚା ତିଆରି କରନ୍ତି। ଦିନକୁ ଦୁଇଘଣ୍ଟା ସେ ଗଛ ଚଢ଼ି ମଞ୍ଚା ଉପରେ ବସି ଅନ୍‌ଲାଇନ୍ କ୍ଲାସ୍ କରନ୍ତି। ସାଙ୍ଗରେ ପାଣି ଓ ଖାଦ୍ୟ ବି ନେଇକି ଯାଇଥାଆନ୍ତି।

## କାର୍ଟୁନ କର୍ନର

